## ଜେରା ପାଇଁ ଦିଲ୍ଲୀରେ ଡିଆଇଜି ହିମାଂଶୁ ଲାଲ୍

# ହବିବୁର୍‌କୁ ରିମାଣ୍ଡରେ ଆଣିବ ଏସ୍‌ଟିଏଫ୍

**ଭୁବନେଶ୍ୱର,୯।୮/ଏନ୍‌ଏନ୍‌ଏସ୍:**

କେନ୍ଦ୍ରାପଡ଼ାର ଲସ୍କର-ଇ-ତୋଇବା ଆତଙ୍କବାଦୀ ହବିବୁର ରହମାନ୍ ଓରଫ ହବିବ୍‌କୁ ପଚରାଉଚରା ପାଇଁ ଏସ୍‌ଟିଏଫ୍ ଡିଆଇଜି ହିମାଂଶୁ ଲାଲ୍ ଦିଲ୍ଲୀ ଯାଇଛନ୍ତି। ତାଙ୍କ ସହ ଏସ୍‌ଟିଏଫ୍‌ର ଆଉ ଦୁଇଜଣ କର୍ମଚାରୀ ଅଛନ୍ତି। ଏହି ୩ ଜଣିଆ ଟିମ୍ ସେଠାରେ ପହଞ୍ଚିଛନ୍ତି। ଆସନ୍ତାକାଲିଠାରୁ ଏହି ଟିମ୍ ଏନ୍‌ଆଇଏ ଅଧିକାରୀଙ୍କ ସହଯୋଗରେ ହବିବୁରକୁ ପଚରାଉଚରା କରିବେ ବୋଲି ଜଣାପଡ଼ିଛି।

ଗତ ୩ ଦିନ ଧରି ଏନ୍‌ଆଇଏ ଅଧିକାରୀମାନେ ହବିବୁର ଠାରୁ କେଉଁ କେଉଁ ତଥ୍ୟ ପାଇଛନ୍ତି ତାହା ଏସ୍‌ଟିଏଫ୍‌ର ଅଧିକାରୀମାନେ ପ୍ରଥମେ ବୁଝିବେ। ପରେ ହବିବୁରକୁ ପଚରାଉଚରା କରିବେ ବୋଲି ଏସ୍‌ଟିଏଫ୍‌ର ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ଗିରଫ କରିବା ପରେ ଏନ୍‌ଆଇଏ ସଦସ୍ୟମାନେ ହବିବୁରକୁ ଜେରା କରୁଛନ୍ତି। ଏସ୍‌ଟିଏଫ୍ ଅଧିକାରୀମାନେ ଏନ୍‌ଆଇଏର ସହଯୋଗରେ ହବିବୁରକୁ ଜେରା କରିବା ପରେ ଆବଶ୍ୟକ ପଡ଼ିଲେ ତାଙ୍କୁ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଖାସ୍ କରି ହବିବୁର ପୂର୍ବରୁ କେତେଥର ଓଡ଼ିଶା ଆସିଛି, ସେ ଏକୁଟିଆ ଓଡ଼ିଶା ଆସିଛି ନା ତା' ସାଙ୍ଗରେ ଅନ୍ୟ କୌଣସି ଆତଙ୍କବାଦୀ ଆସିଛନ୍ତି ସେ ନେଇ ବିଶେଷ ଭାବେ ହବିବୁରକୁ ପଚରାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ କଟକ ଜଗତପୁର ଅଞ୍ଚଳରୁ ଗିରଫ ହୋଇଥିବା ଆତଙ୍କବାଦୀ ଅବଦୁର ରେହମାନଙ୍କୁ ଏନ୍‌ଆଇଏ ପ୍ରଥମେ ଗିରଫ କରିଥିଲା। ପରେ ରହମାନଙ୍କୁ ପଚରାଉଚରା କରିବା ପାଇଁ ରାଜ୍ୟ କ୍ରାଇମବ୍ରାଞ୍ଚ ତାଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ଆଣି ଓଡ଼ିଶା ଲିଙ୍କ୍ ସଂକ୍ରାନ୍ତରେ ଖୋଳତାଡ଼ କରିଥିଲା। ଅନ୍ୟପକ୍ଷରେ ହବିବୁର ଗିରଫ ହେବା ପରେ ରାଜ୍ୟ ଗୁଇନ୍ଦା ବିଭାଗ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିଛି। କାରଣ ରାଉରକେଲା ଓ ସାଲେପୁରରୁ ଆତଙ୍କବାଦୀଙ୍କୁ ଗିରଫ କରିଥିଲା ଏନ୍‌ଆଇଏ। ହେଲେ ସେ ବିଷୟରେ ଟିକେ ବି ସୁରାକ ନଥିଲା ରାଜ୍ୟ ପୁଲିସ ପାଖରେ। ଖାଲି ଏହି ଘଟଣା ନୁହେଁ ଅନେକ ଘଟଣାରେ ରାଜ୍ୟ ଗୁଇନ୍ଦା ବିଭାଗ ଫେଲ୍ ମାରୁଛି। ଯାହାକୁ ନେଇ ଗୁଇନ୍ଦା ବିଭାଗର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହବିବୁର୍ ଗିରଫ ହେବା ପରେ ତା' ସଂକ୍ରାନ୍ତରେ ବେଶ୍ କିଛି ତଥ୍ୟ ହାସଲ କରିଥିବା ନେଇ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ଗତକାଲି ସୂଚନା ଦେଇଥିଲେ। ଏହି ତଥ୍ୟଗୁଡ଼ିକ ଏନ୍‌ଆଇଏ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରାଯିବ।